<u>ତା. ୨୦.୦୩.୨୦୨୫ ରିଖ</u>

**ଜବର ଦଖଲ ଉଚ୍ଛେଦରେ ବିଳମ୍ବ**

**ଅଣତାରକା ପ୍ରଶ୍ନ ସଂଖ୍ୟା ୪୧୯୬ .** ଶ୍ରୀ ଅଗସ୍ତି ବେହେରା : ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) କଟକ ଜିଲ୍ଲା ଆଠଗଡ ତହସିଲ ଅନ୍ତର୍ଗତ ମୌଜା-ନୂଆବନ୍ଧ ରେ ମୋଟ ଗୋଚର, ଅନାବାଦି,ବଗାୟତ, କେତେ ଜମି ରହିଅଛି, ସେଗୁଡିକ କେଉଁମାନେ କେବେଠାରୁ ଜବର ଦଖଲ କରିରହିଛନ୍ତି ତାହା ଉପରେ କେବେ ଅଭିଯୋଗ ହୋଇଥିଲା ସେଗୁଡିକ ଅଦ୍ୟାବଧି ଉଚ୍ଛେଦ ନ ହେବାର କାରଣ କଣ ଓ କେବେ ହେବ, ଏବଂ (ଖ) କଣ୍ଡରେଇ ପଞ୍ଚାୟତ ମହାଲକ୍ଷ୍ମୀପୁର ଠାରେ ଥିବା ଗୋଚର, ଅନାବାଦି, ଜଙ୍ଗଲ ଜମି, ଆମ୍ବ ବଗିଚା ଓ ପିଜୁଳି ବଗିଚା କୁ ଜବରଦଖଲ ମୁକ୍ତ କରିବାକୁ କେବେ କେଉଁମାନେ ଅଭିଯୋଗ କରିଥିଲେ ସେଗୁଡିକ କିଛି ମୁଷିମେୟ ଲୋକ ବିଭାଗିୟ ଅଧିକାରୀଙ୍କୁ ଧରି ନିଜନାମରେ ରେକର୍ଡ କରିବାକୁ ପ୍ରୟାସ କରୁଛନ୍ତି ସେଗୁଡିକ ତୁରନ୍ତ ଉଚ୍ଛେଦ ପାଇଁ ପଦକ୍ଷେପ କେବେ ନେବେ ?

<u>ଉତ୍ତର</u>

**ଶ୍ରୀ ସୁରେଶ ପୂଜାରୀ,ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ-:**

(କ) ପ୍ରାପ୍ତ ତଥ୍ୟ ଅନୁଯାୟୀ କଟକ ଜିଲ୍ଲାର ଆଠଗଡ ତହସିଲ ଅନ୍ତର୍ଗତ ମୌଜା-ନୂଆବନ୍ଧରେ ମୋଟ ଏ. ୯୧.୬୭ ଡି. ଗୋଚର ଜମି, ଏ. ୨୧.୬୯ ଡି. ଅନାବାଦି ଜମି ଏବଂ ଏ. ୭.୬୫ ଡି. ବଗାୟତ ଜମି ରହିଅଛି । ନିମ୍ନଲିଖତ ବ୍ୟକ୍ତି ମାନେ ପାର୍ଶ୍ୱ ଲିଖିତ ତାରିଖ ଠାରୁ ସରକାରୀ ଜମି ଜବରଦଖଲ କରିଅଛନ୍ତି। ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କର ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଅବରୋଧକାରୀଙ୍କୁ ଉଚ୍ଛେଦ ନ କରିବା ପାଇଁ ରହିତା ଦେଶ ଅଛି ।

| | |
|---|---|
| ୧. ଅଜୟ କୁମାର ଜେନା | ତା ୧୮.୧୧.୨୦୧୯ ରିଖ |
| ୨. ପ୍ରଶାନ୍ତ କୁମାର ଜେନା | ତା ୧୮.୧୧.୨୦୧୯ ରିଖ |
| ୩. ସୁଧାକର ସାହୁ | ତା ୨୩.୦୪.୨୦୨୧ ରିଖ |
| ୪. ମାନଗୋବିନ୍ଦ ଦେହୁରୀ | ତା ୩୦.୦୧.୨୦୨୩ ରିଖ |

(ଖ) କଣ୍ଡରେଇ ପଞ୍ଚାୟତ ମହାଲକ୍ଷ୍ମୀପୁର ଠାରେ ଥିବା ଗୋଚର, ଅନାବାଦୀ, ଜଙ୍ଗଲ ଜମି, ଆମ୍ବ ବଗିଚା ଓ ପିଜୁଳି ବଗିଚାକୁ ଜବରଦଖଲ ମୁକ୍ତ କରିବାକୁ ମହାଲକ୍ଷ୍ମୀପୁର ଅଧିବାସୀ ଶ୍ରୀ ସୁଦାମ ଚରଣ ବେଉରା ଓଗେରଙ୍କ ଠାରୁ ତା. ୦୩.୧୧.୨୦୨୪ ରିଖର ଏକ ଅଭିଯୋଗ ପତ୍ର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ହସ୍ତଗତ ହୋଇଥିଲା । ଉକ୍ତ ଅଭିଯୋଗ ପତ୍ରକୁ ଏହି ବିଭାଗ ପତ୍ର ସଂଖ୍ୟା ୪୪୮୭୧ ତା.୧୯.୧୨.୨୪ ରିଖ ଦ୍ୱାରା ଜିଲ୍ଲାପାଳ, କଟକଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଥିଲା । ଏହି ଅଭିଯୋଗ ପତ୍ର ପ୍ରାପ୍ତି ହେବା ପରେ ଜିଲ୍ଲା ପ୍ରଶାସନ ଦ୍ୱାରା ବିଧିବଦ୍ଧ ତଦନ୍ତ କରାଯାଇ ଅବରୋଧକାରୀଙ୍କ ବିରୁଦ୍ଧରେ OPLE Act, 1972 ର ବ୍ୟବସ୍ଥାନୁଯାୟୀ ମକଦ୍ଦମା ରୁଜୁ କରାଯାଇଅଛି ଓ ଜବରଦଖଲ ଉଚ୍ଛେଦ ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି । କିଛି ମୁଷ୍ଟିମେୟ ଲୋକ ଉପରୋକ୍ତ ସରକାରୀ ଜମିକୁ ନିଜ ନାମରେ ରେକର୍ଡ କରାଇବାକୁ ପ୍ରୟାସ କରୁଥିବା ସମ୍ବନ୍ଧରେ ପ୍ରଶାସନର ଦୃଷ୍ଟିଗୋଚର ହୋଇନାହିଁ ।

*****